ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ

# ବିଜିୟୁ ପକ୍ଷରୁ ସସ୍ଥାୟୀ ଭବିଷ୍ୟତ ଗଠନ ସମ୍ପର୍କିତ ଆନ୍ତର୍ଜାତିକ ସମ୍ମିଳନୀ

By Samaja Digital (DS) — On Mar 25, 2025

ଚିଭଳ ଆଲର୍ଟ ଆମ ଓଡ଼ିଶା



ଭୁବନେଶ୍ୱର: ବିର୍ଲା ଗ୍ଲୋବାଲ ୟୁନିଭରସିଟି ପକ୍ଷରୁ "ସସ୍ଥାୟୀ ଭବିଷ୍ୟତ ସୃଷ୍ଟି : ପ୍ରମୁଖ ସହଭାଗୀଙ୍କ ଭୂମିକା" ବିଷୟ ସମ୍ପର୍କିତ ଏକ ଆନ୍ତର୍ଜାତିକ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ଶିକ୍ଷାବିତ୍ , ଉଦ୍ୟୋଗ ପ୍ରମୁଖ ଏବଂ ନୀତି ନିର୍ଦ୍ଧାରକମାନେ ଯୋଗଦେଇ ବିଶ୍ୱ ସ୍ଥାୟୀତ୍ୱର ସମାଧାନ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ । ଆମେରିକା ଇକୋଲୋଜିକାଲ ସୋସାଇଟିର ପ୍ରେସିଡେଣ୍ଟ ପିଟର ଏମ୍ ଗ୍ରୋଫମ୍ୟାନ୍ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱ ସସ୍ଥାୟୀ ପାଇଁ ଉଦ୍ଦିଷ୍ଟ ଗବେଷଣା ଉପରେ ଗୁରୁତ୍ୱାରୋପ କରିଥିଲେ । ବ୍ରୋଙ୍କସ କମ୍ୟୁନିଟି କଲେଜ ପ୍ରେସିଡେଣ୍ଟ ମିଲଟନ ସାଣ୍ଟିଆଗୋ ସ୍ଥାୟୀତ୍ୱ ଲକ୍ଷ୍ୟ ହାସଲ ଦିଗରେ ଶିକ୍ଷାନୁଷ୍ଠାନ ଓ ଶିଳ୍ପ ସହଯୋଗର ଭୂମିକା ଉପରେ ଆଲୋକପାତ କରିଥିଲେ । ଆଇଆଇଏମ୍ ଅହମଦାବାଦର ପ୍ରଫେସର ନିହାରିକା ଭୋରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସସ୍ଥାୟୀ ନେତୃତ୍ୱର ଗୁରୁତ୍ୱ ଏବଂ ପ୍ରଭାବଶାଳୀ ସମାଧାନ ସୃଷ୍ଟି ଦିଗରେ ଶିକ୍ଷାନୁଷ୍ଠାନ ଏବଂ ଶିଳ୍ପାନୁଷ୍ଠାନ ମଧ୍ୟରେ ବୃଦ୍ଧି ପାଉଥିବା ସମ୍ପର୍କର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରଫେସର ନିଲ ଫିଲିପ ମୁଖ୍ୟ ବକ୍ତା ଭାବେ ଅଂଶଗ୍ରହଣ କରି ଜଳବାୟୁ ପରିବର୍ତ୍ତନ ଏବଂ ସସ୍ଥାୟୀ ବିଶ୍ୱ ଗଠନ ଉପରେ ଆଲୋଚନା କରିଥିଲେ । ପ୍ରଫେସର ପରିମିତା ସେନ୍ ନ୍ୟୁୟର୍କ ସିଟି ୟୁନିଭରସିଟି ଉପରେ ଆଲୋକପାତ କରିଥିଲେ ଯାହାର ୧୩ ଜଣ ପୂର୍ବତନ ଛାତ୍ର ନୋବେଲ ପୁରସ୍କାର ବିଜେତା ଅଟନ୍ତି । ବିଜିୟୁ କୁଳପତି ପ୍ରଫେସର କୁଳଭୂଷଣ ବାଲୁନି ସସ୍ଥାୟୀ ବିଶ୍ୱଗଠନ ପ୍ରତି ଥିବା ୟୁନିଭରସିଟିର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରଦୀପ ପ୍ରଜ୍ଜ୍ୱଳନ ସହ ବିଜିୟୁ କୁଳଗୀତ ଗାନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ବିର୍ଲା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ଡିନ୍ ଡଃ ପରମେଶ୍ୱର ନାୟକ ସ୍ୱାଗତ ଭାଷଣ ଦେଇଥିଲେ । ସମ୍ମିଳନୀ ସଂଯୋଜକ ଡଃ ଅନୁଭା ରାୟ ବିଷୟବସ୍ତୁ ଉପରେ ସଂକ୍ଷିପ୍ତ ପରିଚୟ ପ୍ରଦାନ କରିଥିଲେ । ଆସୋସିଏଟ୍ ପ୍ରଫେସର ଡଃ ଅର୍ଚ୍ଚନା ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ ।

SAMBAD
ସମ୍ବାଦ

# ‘ବିଜିୟୁ’ରେ ଅନ୍ତର୍ଜାତୀୟ ସମ୍ମିଳନୀ



ଭୁବନେଶ୍ୱର, ୨୪/୩: ବିର୍ଲା ଗ୍ଲୋବାଲ ୟୁନିଭରସିଟି (ବିଜିୟୁ) ପକ୍ଷରୁ ‘ସ୍ଥାୟୀ ଭବିଷ୍ୟତ ସୃଷ୍ଟି: ପ୍ରମୁଖ ସହଭାଗୀଙ୍କ ଭୂମିକା’ ଶୀର୍ଷକ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଛି। ଏଥିରେ ଆମେରିକା ଇକୋଲୋଜିକାଲ ସୋସାଇଟି ସଭାପତି ପିଟର ଏମ୍ ଗ୍ରୋଫମ୍ୟାନ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱ ସ୍ଥାୟିତ୍ୱ ପାଇଁ ଉଦ୍ଦିଷ୍ଟ ଗବେଷଣା ଉପରେ ଗୁରୁତ୍ୱାରୋପ କରିଥିଲେ। ବ୍ରୋଙ୍କ୍ସ କମ୍ୟୁନିଟି କଲେଜର ସଭାପତି ମିଲଟନ ସାଣ୍ଟିଆଗୋ ସ୍ଥାୟିତ୍ୱ ଲକ୍ଷ୍ୟ ହାସଲ ଦିଗରେ ଶିକ୍ଷାନୁଷ୍ଠାନ ଓ ଶିଳ୍ପ ସହଯୋଗର ଭୂମିକା ଉପରେ କହିଥିଲେ। ଆଇଆଇଏମ୍ ଅହମଦାବାଦର ପ୍ରଫେସର ନିହାରିକା ଭୋରା ସ୍ଥାୟୀ ନେତୃତ୍ୱର ଗୁରୁତ୍ୱ ଓ ପ୍ରଭାବଶାଳୀ ସମାଧାନ ସୃଷ୍ଟିରେ ଶିକ୍ଷାନୁଷ୍ଠାନ ଏବଂ ଶିଳ୍ପାନୁଷ୍ଠାନ ମଧ୍ୟରେ ବୃଦ୍ଧି ପାଉଥିବା ସମ୍ପର୍କର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଫେସର ନିଲ ଫିଲିପ ଜଳବାୟୁ ପରିବର୍ତ୍ତନ ଏବଂ ସ୍ଥାୟୀ ବିଶ୍ୱ ଗଠନ ଉପରେ ଆଲୋଚନା କରିଥିଲେ। ପ୍ରଫେସର ପରିମିତା ସେନ୍ ନ୍ୟୁୟର୍କ ସିଟି ୟୁନିଭରସିଟି ଉପରେ ମତ ଦେଇଥିଲେ। ଏହି ଅବସରରେ ବିଜିୟୁ କୁଳପତି ପ୍ରଫେସର କୁଳଭୂଷଣ ବାଲୁନି, ବିର୍ଲା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ଡିନ୍ ଡ. ପରମେଶ୍ୱର ନାୟକ, ସମ୍ମିଳନୀ ସଂଯୋଜକ ଡ. ଅନୁଭା ରାୟ ଓ ଆସୋସିଏଟ୍ ପ୍ରଫେସର ଡ. ଅର୍ଚ୍ଚନା ଚୌଧୁରୀ ଉପସ୍ଥିତ ଥିଲେ।

R.N.I. REGN. No. 65030/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୧୬୭
ତିଥି : ଏକାଦଶୀ
୨୫ ମାର୍ଚ୍ଚ ୨୦୨୫, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMATA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 167
25 March 2025, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

## ବିଜିୟୁ ପକ୍ଷରୁ ଅସ୍ଥାୟୀ ଭବିଷ୍ୟତ ଗଠନ ସମ୍ପର୍କୀତ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ) : ବିର୍ଲା ଗ୍ଲୋବାଲ ୟୁନିଭରସିଟି ପକ୍ଷରୁ ସସ୍ଥାୟୀ ଭବିଷ୍ୟତ ସୃଷ୍ଟି : ପ୍ରମୁଖ ସହଭାଗୀଙ୍କ ଭୂମିକା ବିଷୟ ସମ୍ପର୍କୀତ ଏକ ଆନ୍ତର୍ଜାତୀୟ ସମ୍ମିଳନୀ ଉଦ୍ଘାଟିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍, ଉଦ୍ୟୋଗ ପ୍ରମୁଖ ଏବଂ ନୀତି ନିର୍ଦ୍ଧାରକମାନେ ଯୋଗଦେଇ ବିଶ୍ୱ ସ୍ଥାୟୀତ୍ୱର ସମାଧାନ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ଆମେରିକା ଇକୋଲୋଜିକାଲ ସୋସାଇଟିର ପ୍ରେସିଡେ ପିଟର ଏମ୍ ଗ୍ରୋଫମ୍ୟାନ୍ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱ ସସ୍ଥାୟୀ ପାଇଁ ଉଦ୍ଦିଷ୍ଟ ଗବେଷଣା ଉପରେ ଗୁରୁତ୍ୱାରୋପ କରିଥିଲେ । ବ୍ରୋଙ୍କସ କମ୍ୟୁନିଟି କଲେଜ ପ୍ରେସିଡେ ମିଲଟନ ସାଣ୍ଟିଆଗୋ ସ୍ଥାୟୀତ୍ୱ ଲକ୍ଷ୍ୟ ହାସଲ ଦିଗରେ ଶିକ୍ଷାନୁଷ୍ଠାନ ଓ ଶିଳ୍ପ ସହଯୋଗର ଭୂମିକା ଉପରେ ଆଲୋକପାତ କରିଥିଲେ । ଆଇଆଇଏମ୍ ଅହମ୍ମଦାବାଦର ପ୍ରଫେସର ନିହାରିକା ଭୋରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସସ୍ଥାୟୀ ନେତୃତ୍ୱର ଗୁରୁତ୍ୱ ଏବଂ ପ୍ରଭାବଶାଳୀ ସମାଧାନ ସୃଷ୍ଟି ଦିଗରେ ଶିକ୍ଷାନୁଷ୍ଠାନ ଏବଂ ଶିଳ୍ପାନୁଷ୍ଠାନ ମଧ୍ୟରେ ବୃଦ୍ଧି ପାଉଥିବା ସମ୍ପର୍କର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଫେସର ନିଲ ଫିଲିପ ମୁଖ୍ୟ ବକ୍ତାଭାବେ ଅଂଶଗ୍ରହଣ କରି ଜଳବାୟୁ ପରିବର୍ତ୍ତନ ଏବଂ ସସ୍ଥାୟୀ ବିଶ୍ୱ ଗଠନ ଉପରେ ଆଲୋଚନା କରିଥିଲେ। ପ୍ରଫେସର ପରିମିତା ସେନ୍ ନ୍ୟୁୟର୍କ ସିଟି ୟୁନିଭରସିଟି ଉପରେ ଆଲୋକପାତ କରିଥିଲେ ଯାହାର ୧୩ ଜଣ ପୂର୍ବତନ ଛାତ୍ର ନୋବେଲ ପୁରସ୍କାର ବିଜେତା ଅଟନ୍ତି। ବିଜିୟୁ କୁଳପତି ପ୍ରଫେସର କୁଲଭୂଷଣ ବାଲୁନି ସସ୍ଥାୟୀ ବିଶ୍ୱଗଠନ ପ୍ରତି ଥିବା ୟୁନିଭରସିଟିର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଦୀପ ପ୍ରଜ୍ୱଳନ ସହ ବିଜିୟୁ କୁଳଗୀତ ଗାନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବିର୍ଲା ସ୍କୁଲ ଅଫ୍ ମ୍ୟାନେଜମେର ଡିନ୍ ଡଃ ପରମେଶ୍ୱର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମିଳନୀ ସଂଯୋଜକ ଡଃ ଅନୁଭା ରାୟ ବିଷୟବସ୍ତୁ ଉପରେ ସଂକ୍ଷିପ୍ତ ପରିଚୟ ପ୍ରଦାନ କରିଥିଲେ। ଆସୋସିଏଟ୍ ପ୍ରଫେସର ଡଃ ଅର୍ଚ୍ଚନା ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ ।






• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

ସକାଳ
THE SAKALA
PRINTED AT BHUBANESWAR ▪ JEYPORE ▪ SAMBALPUR ▪ PANIKOILI

•VOLUME- 42 •ISSUE-266 •BHUBANESWAR •TUESDAY •25 MARCH 2025 •PAGE-14 •₹ 6.00

•ବର୍ଷ-୪୨ •ସଂଖ୍ୟା-୨୬୬ •ଭୁବନେଶ୍ୱର •ମଙ୍ଗଳବାର •୨୫ ମାର୍ଚ୍ଚ ୨୦୨୫ •ପୃଷ୍ଠା-୧୪ •ଟ.୬.୦୦

# ବିଜିୟୁ ପକ୍ଷରୁ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ



ଭୁବନେଶ୍ୱର, ୨୪।୩(ସମିସ): ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି ପକ୍ଷରୁ 'ସସ୍ଥାୟୀ ଭବିଷ୍ୟତ ସୃଷ୍ଟି: ପ୍ରମୁଖ ସହଭାଗୀଙ୍କ ଭୂମିକା' ବିଷୟରେ ଏକ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍, ଉଦ୍ୟୋଗ ପ୍ରମୁଖ ଏବଂ ନୀତି ନିର୍ଦ୍ଧାରକମାନେ ଯୋଗଦେଇ ବିଶ୍ୱ ସ୍ଥାୟିତ୍ୱର ସମାଧାନ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ଆମେରିକା ଇକୋଲୋଜିକାଲ ସୋସାଇଟିର ପ୍ରେସିଡେଣ୍ଟ ପିଟର ଏମ୍. ଗ୍ରୋଫ୍‌ମ୍ୟାନ୍ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱ ସସ୍ଥାୟୀ ପାଇଁ ଉଦ୍ଦିଷ୍ଟ ଗବେଷଣା ଉପରେ ଗୁରୁତ୍ୱାରୋପ କରିଥିଲେ। ବ୍ରୋଙ୍କ୍ସ କମ୍ୟୁନିଟି କଲେଜ ପ୍ରେସିଡେଣ୍ଟ ମିଲ୍‌ଟନ ସାଣ୍ଟିଆଗୋ ସ୍ଥାୟିତ୍ୱ ଲକ୍ଷ୍ୟ ହାସଲ ଦିଗରେ ଶିକ୍ଷାନୁଷ୍ଠାନ ଓ ଶିଳ୍ପ ସହଯୋଗର ଭୂମିକା ଉପରେ ଆଲୋକପାତ କରିଥିଲେ। ଆଇଆଇଏମ୍ ଅହମ୍ମଦାବାଦର ପ୍ରଫେସର ନିହାରିକା ଭୋରା ସମ୍ମାନିତ ଅତିଥି, ପ୍ରଫେସର ନିଲ୍ ଫିଲିପ୍ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ବିଜିୟୁ କୁଳପତି ପ୍ରଫେସର କୁଳଭୂଷଣ ବାଲୁନି ସସ୍ଥାୟୀ ବିଶ୍ୱଗଠନ ପ୍ରତି ଥିବା ୟୁନିଭର୍ସିଟିର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ଆସୋସିଏଟ୍ ପ୍ରଫେସର ଡ. ଅର୍ଚ୍ଚନା ଚୌଧୁରୀ ଧନ୍ୟବାଦ ଦେଇଥିଲେ।